[2009] 1 SCR 662

ଅପର୍ଣ୍ଣା ଗୋୟଲ

ବନାମ

ରାକେଶ ଗୋୟଲ

(ସ୍ଥାନାନ୍ତର ଆବେଦନ (ଦେୱାନୀ) ସଂଖ୍ୟା 91/2008)

27 ଜାନୁଆରୀ, 2009

[ଡ. ଅରିଜିତ୍ ପଶାୟତ, ଡ. ମୁକୁନ୍ଦକମ୍ ଶର୍ମା
ଏବଂ ଏଚ୍.ଏଲ୍. ଦତ୍ତୁ, ନ୍ୟାୟମୂର୍ତ୍ତିବୃନ୍ଦ]

*ବୈବାହିକ ବିବାଦ -ଲୋକ ଅଦାଲତରେ, ମଧ୍ୟସ୍ଥିଙ୍କ ସହାୟତାରେ ସମାଧାନ ହୋଇଥିଲା - ଏସ୍. ଏଲ୍. ପି. ଏବଂ ସ୍ଥାନାନ୍ତର ଆବେଦନ ନିମ୍ନଲିଖିତ ସର୍ତ୍ତାବଳୀରେ ଫଇସଲା ହେଲା:*

*(1) ଏହି ନ୍ୟାୟାଳୟର ରେଜିଷ୍ଟ୍ରିରେ ଜମା କରାଯାଇଥିବା 10 ଲକ୍ଷ ଟଙ୍କା ଶ୍ରୀମତୀ ଅପର୍ଣ୍ଣା ଗୋୟଲ, ପତ୍ନୀଙ୍କୁ ହସ୍ତାନ୍ତର କରାଯିବ ।*

*(2) ରାଜିନାମାକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀ ପଟିଆଲା ହାଉସ ଅଦାଲତର ବିଦ୍ୱାନ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଙ୍କ ସମ୍ମୁଖରେ ବିଚାରାଧୀନ ଥିବା ମାମଲା ସଂଖ୍ୟା 259/2003 ଏବଂ ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973ର ଧାରା 125 (ସଂକ୍ଷେପରେ 'ସଂହିତା') ଅନୁଯାୟୀ ଦାଖଲ ହୋଇଥିବା ମାମଲା ସଂଖ୍ୟା 1011/1/2003 (ଉପରୋକ୍ତ ଦୁଇଟି ମାମଲା ଶ୍ରୀମତୀ ଅପର୍ଣ୍ଣା ଗୋୟଲ, ପତ୍ନୀଙ୍କ ଦ୍ୱାରା ଦାଖଲ କରାଯାଇଥିଲା) ଏବଂ ପଞ୍ଜାବର ମୁକ୍ତସର ଜିଲ୍ଲା ଜଜ୍ ଙ୍କ ସମ୍ମୁଖରେ ବିଚାରାଧୀନ ଥିବା ଛାଡପତ୍ର ପାଇଁ ଇଚ୍ଛା କରି ସ୍ୱାମୀଙ୍କ ଦ୍ୱାରା ଦାୟର ଏଚ୍. ଏମ୍. ଏ. ସଂଖ୍ୟା 37/2006 ଫଇସଲା ହୋଇଛି ।*

*(3) HMA ସଂଖ୍ୟା 37/2006ରେ ହିନ୍ଦୁ ବିବାହ ଅଧିନିୟମ, 1956 ର ଧାରା 13B (1) ଏବଂ 13B (2) ଅନୁଯାୟୀ ସ୍ୱାମୀ ରାକେଶ ଏବଂ ପତ୍ନୀ ଅପର୍ଣ୍ଣା ଗୋୟଲଙ୍କ ମଧ୍ୟରେ ଏହି ଆଦେଶ ଅନୁଯାୟୀ ବିବାହ ଭାଙ୍ଗି ଦେଇ ପାରସ୍ପରିକ ସମ୍ମତିରେ ଛାଡପତ୍ର ଗ୍ରହଣ କରାଯିବ ।*

ଅପର୍ଣ୍ଣା ଗୋୟଲ ବନାମ ରାକେଶ ଗୋୟଲ

ଦେୱାନୀ ମୂଳ ଅଧିକାରିତା : ସ୍ଥାନାନ୍ତର ଆବେଦନ (ଦେୱାନୀ) ସଂଖ୍ୟା 91/2008 ।

ଏହା ସହିତ

2008ର ଟି.ପି. (ସିଆରଏଲ.) ସଂଖ୍ୟା 183-184 ଏବଂ 2007 ର ଏସ୍.ଏଲ୍.ପି. (ସିଆରଏଲ) ସଂଖ୍ୟା 6900-6902 ।

ଆବେଦନକାରୀଙ୍କ ପାଇଁ କେ. ବି. ରୋହତଗୀ, ଅପର୍ଣ୍ଣା ରୋହତଗୀ ଜୈନ, ମହେଶ କସାନା ଏବଂ ସନ୍ଧ୍ୟା ଗୋସ୍ୱାମୀ ।

ଉତ୍ତରଦାତାଙ୍କ ପାଇଁ ଏ. ଶରଣ, ଏ. ଏସ୍. ଜି., ଏମ୍. କେ. ମୋଙ୍ଗା, ପି. ଡି. ତିୱାରୀ, ପି. ନରସିଂହନ୍, ଏସ୍. ବାଲାଜୀ, ଗୌରବ ଅଗ୍ରୱାଲ, ଏସ୍. କୌଶିକ, ଅନୀଲ କଟିୟାର ଏବଂ ଡି. ଏସ୍. ମାହ୍ରା ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ଡ. ଅରିଜିତ୍ ପଶାୟତ**ଙ୍କ ଦ୍ୱାରା । 1. 2007 ର ବିଶେଷ ଅନୁମତି ଆବେଦନ ସଂଖ୍ୟା 6900-6902, 2008ର ଟିପି (ସିଆରଏଲ) ସଂଖ୍ୟା 183-184 ଏବଂ 2008ର ଟିପି (ଦେୱାନୀ) ସଂଖ୍ୟା 91 କୁ ଏକତ୍ର ବିଚାରକୁ ନିଆଯାଏ ।

2. ବିବାଦର ପକ୍ଷମାନେ ଅର୍ଥାତ୍ ଶ୍ରୀମତୀ ଅପର୍ଣ୍ଣା ଗୋୟଲ-ଆବେଦନକାରୀ (ଏହା ପରେ 'ପତ୍ନୀ' ଭାବରେ ଉଲ୍ଲେଖ କରାଯାଇଛି) ଏବଂ ରାକେଶ ଗୋୟଲ (ଏହା ପରେ ସ୍ୱାମୀ ଭାବରେ ଉଲ୍ଲେଖ କରାଯାଇଛି) 6.12.2008 ରେ ଅନୁଷ୍ଠିତ ସର୍ବୋଚ୍ଚ ନ୍ୟାୟାଳୟ ଲୋକ ଅଦାଲତରେ ହାଜର ହୋଇଥିଲେ । ମଧ୍ୟସ୍ଥିଙ୍କ ହସ୍ତକ୍ଷେପରେ ପକ୍ଷମାନେ ସେମାନଙ୍କ ବିବାଦର ସମାଧାନ କରିବାକୁ ରାଜି ହୋଇଥିଲେ । ଏହା ସମ୍ମତି ପ୍ରକାଶ ପାଇଥିଲା ଯେ ଉଭୟ ପକ୍ଷ (ସ୍ୱାମୀ ଏବଂ ସ୍ତ୍ରୀ) ପାରସ୍ପରିକ ସମ୍ମତି ଦ୍ୱାରା ଛାଡପତ୍ର ଚାହୁଁଛନ୍ତି ଏବଂ ବିଚାରାଧୀନ ଅପରାଧିକ ଏବଂ ଦେୱାନୀ ବିବାଦରେ ଆଗକୁ ନ ବଢିବା ପାଇଁ ମଧ୍ୟ ରାଜି ହୋଇଥିଲେ । ବିବାହ ସମ୍ବନ୍ଧୀୟ ଦାବିର ସମ୍ପୂର୍ଣ୍ଣ ଏବଂ ଅନ୍ତିମ ସମାଧାନରେ ସ୍ୱାମୀଙ୍କ ଦ୍ୱାରା ପତ୍ନୀଙ୍କୁ 10,00,000/- ଟଙ୍କାର ରାଶି ପ୍ରଦାନ କରିବାକୁ ସହମତି ପ୍ରକାଶ ପାଇଛି । ଏହି ନ୍ୟାୟାଳୟର ରେଜିଷ୍ଟ୍ରାର୍-ଜେନେରାଲ୍ ଙ୍କ ସପକ୍ଷରେ ଡ୍ରାଫ୍ଟ

ମାଧ୍ୟମରେ 10 ଲକ୍ଷ ଟଙ୍କା ଉପସ୍ଥାପନ କରାଯାଇଛି I ବିଶେଷ ଅନୁମତି ଆବେଦନ ଏବଂ ସ୍ଥାନାନ୍ତର ଆବେଦନ ନିମ୍ନଲିଖିତ ସର୍ତ୍ତାବଳୀ ଉପରେ ଫଇସଲା କରାଯାଇଛି:

(1) ଏହି ନ୍ୟାୟାଳୟର ରେଜିଷ୍ଟ୍ରି ନିକଟରେ ଜମା କରାଯାଇଥିବା 10 ଲକ୍ଷ ଟଙ୍କା ଶ୍ରୀମତୀ ଅପର୍ଣ୍ଣା ଗୋୟଲ, ପତ୍ନୀଙ୍କୁ ହସ୍ତାନ୍ତର କରାଯିବ I

(2) ରାଜିନାମାକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀ ପଟିଆଲା ହାଉସ ଅଦାଲତର ବିଦ୍ୱାନ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଙ୍କ ସମ୍ମୁଖରେ ବିଚାରାଧୀନ ଥିବା ମାମଲା ସଂଖ୍ୟା 259/2003 ଏବଂ ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973ର ଧାରା 125 (ସଂକ୍ଷେପରେ 'ସଂହିତା') ଅନୁଯାୟୀ ଦାଖଲ ହୋଇଥିବା ମାମଲା ସଂଖ୍ୟା 1011/ 1/2003 (ଉପରୋକ୍ତ ଦୁଇଟି ମାମଲା ଶ୍ରୀମତୀ ଅପର୍ଣ୍ଣା ଗୋୟଲ, ପତ୍ନୀଙ୍କ ଦ୍ୱାରା ଦାଖଲ କରାଯାଇଥିଲା) ଏବଂ ପଞ୍ଜାବର ମୁକ୍ତସର ଜିଲ୍ଲା ଜଜ୍ ଙ୍କ ସମ୍ମୁଖରେ ବିଚାରାଧୀନ ଥିବା ଛାଡପତ୍ର ପାଇଁ ଇଚ୍ଛା କରି ସ୍ୱାମୀଙ୍କ ଦ୍ୱାରା ଦାୟର ଏଚ୍.ଏମ୍.ଏ. ସଂଖ୍ୟା 37/2006 ଫଇସଲା ହୋଇଛି I

3. HMA ସଂଖ୍ୟା 37/2006ରେ ହିନ୍ଦୁ ବିବାହ ଅଧିନିୟମ, 1956 ର ଧାରା 13B (1) ଏବଂ 13B (2) ଅନୁଯାୟୀ ସ୍ୱାମୀ ରାକେଶ ଏବଂ ପତ୍ନୀ ଅପର୍ଣ୍ଣା ଗୋୟଲଙ୍କ ମଧ୍ୟରେ ଏହି ଆଦେଶ ଅନୁଯାୟୀ ବିବାହ ଭାଙ୍ଗି ଦେଇ ପାରସ୍ପରିକ ସମ୍ମତିରେ ଛାଡପତ୍ର ଗ୍ରହଣ କରାଯିବ I

4. ତଦନୁଯାୟୀ ଆବେଦନଗୁଡ଼ିକର ଫଇସଲା କରାଯାଇଛି I

ଜି.ଏନ୍. ଆବେଦନଗୁଡିକ ଫଇସଲା ହେଲା I

## ଅପର୍ଣ୍ଣା ଗୋୟଲ ବନାମ ରାକେଶ ଗୋୟଲ

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।